# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 23 February - 2025

### News Editor : Tapan Kumar Maharana

*********************************

## ମୁଖ୍ୟ ସମ୍ବାଦ

- କୃତ୍ରିମ ବୁଦ୍ଧିମତା କ୍ଷେତ୍ରରେ ଭାରତ ବିଶ୍ୱରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି; କହିଲେ ପ୍ରଧାନମନ୍ତ୍ରୀ

– ଆକାଶବାଣୀର 'ମନ୍ କି ବାତ୍' କାର୍ଯ୍ୟକ୍ରମରେ ଦେଶବାସୀଙ୍କ ସହ କଲେ ଭାବବିନିମୟ

– ଦେଶର ପ୍ରତିଭାସମ୍ପନ୍ନ କ୍ରୀଡ଼ାବିତ୍‌ମାନଙ୍କୁ ଚିହ୍ନଟ କରିବାରେ ଖେଲୋ ଇଣ୍ଡିଆ ଅଭିଯାନର ପ୍ରୟାସ ଗୁରୁତ୍ୱପୂର୍ଣ୍ଣ

- ଅନୁଗୁଳ ଜିଲ୍ଲାରେ ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

- ଆଜିଠାରୁ ତିନିଦିନିଆ ଉତ୍ତରପ୍ରଦେଶ ଗସ୍ତରେ ଗଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ

ଏବଂ

- ଗଞ୍ଜାମ ଜିଲ୍ଲା ରୁଷିକୂଲ୍ୟା ନଦୀ ମୁହାଣରେ ପ୍ରାୟ ୭ ଲକ୍ଷ ବିରଳ ପ୍ରଜାତିର କଇଁଛଙ୍କ ସମୂହ ଅଣ୍ଡାଦାନ

***Desk***

# ମନ୍ କି ବାତ୍

ମହାକାଶ ବିଜ୍ଞାନରେ ଦେଶ ନୂତନ ଶିଖରରେ ପହଁଞ୍ଚିବା ସହ ଇସ୍ରୋର ୧୦୦ତମ ରକେଟ୍ ଉତ୍କ୍ଷେପଣର ସାକ୍ଷୀ ପାଲଟିଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି। ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଆଜି ଦେଶବାସୀଙ୍କୁ ସମ୍ବୋଧନ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ୧୦ ବର୍ଷ ମଧ୍ୟରେ ଅନ୍ୟ ଦେଶର ସାଟେଲାଇଟ୍‌କୁ ମିଶାଇ ପ୍ରାୟ ୪୬୦ଟି ଉପଗ୍ରହ ମହାକାଶକୁ ଉତ୍କ୍ଷେପଣ କରାଯାଇଛି। ମହାକାଶ କ୍ଷେତ୍ର ଯୁବପିଢ଼ୀଙ୍କୁ ଆକୃଷ୍ଟ କରିବା ସହ ଏ କ୍ଷେତ୍ରରେ ଷ୍ଟାଟ୍‌ଅପ୍ ଓ ଘରୋଇ କମ୍ପାନୀ ଗୁଡ଼ିକର ସଂଖ୍ୟା ବୃଦ୍ଧି ପାଇଛି।  ମହାକାଶ କ୍ଷେତ୍ରରେ ନାରୀଶକ୍ତିର ସଫଳତା ପ୍ରଶଂସନୀୟ ବୋଲି ଶ୍ରୀ ମୋଦୀ କହିଛନ୍ତି।

**V/O (PM-Space)**

କୃତ୍ରିମ ବୁଦ୍ଧିମତା– ଏ.ଆଇ. କ୍ଷେତ୍ରରେ ଭାରତ ଦ୍ରୁତ ଅଗ୍ରଗତି କରୁଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଏ.ଆଇ. କ୍ଷେତ୍ରରେ ଭାରତ ବିଶ୍ୱରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି । ନୂତନ ଜ୍ଞାନକୌଶଳକୁ ଗ୍ରହଣ କରିବା ଏବଂ କାର୍ଯ୍ୟକାରୀ କରିବା ଦିଗରେ

ଭାରତୀୟମାନେ ଆଗରେ ଅଛନ୍ତି। ଫ୍ରାନ୍ସଠାରେ ଅନୁଷ୍ଠିତ ଏ.ଆଇ ଶିଖର ସମ୍ମିଳନୀରେ ଭାରତର ଅଗ୍ରଗତିକୁ ବିଶ୍ୱସ୍ତରରେ ପ୍ରଶଂସା କରାଯାଇଛି ।

ସେହିଭଳି ଆସନ୍ତା ମାସ ୮ ତାରିଖରେ ଆନ୍ତର୍ଜାତିକ ମହିଳା ଦିବସ ପାଳନ ଅବସରରେ ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷ ହାସଲ କରିଥିବା ପ୍ରେରଣାଦାୟୀ ମହିଳାମାନଙ୍କୁ ଗୋଟିଏ ଦିନ ପାଇଁ ପ୍ରଧାନମନ୍ତ୍ରୀଙ୍କ ସାମାଜିକ ଗଣମାଧ୍ୟମ ଆକାଉଣ୍ଟ ବ୍ୟବହାର କରିବାର ସୁଯୋଗ ପ୍ରଦାନ କରାଯିବ ବୋଲି ଶ୍ରୀ ମୋଦୀ କହିଛନ୍ତି। ଇଚ୍ଛୁକ ମହିଳାମାନେ ନମୋ ଆପ୍‌ରେ ଗଠିତ ସ୍ୱତନ୍ତ୍ର ଫୋରମ୍ ମାଧ୍ୟମରେ ନିଜର କାର୍ଯ୍ୟ ଏବଂ ଅନୁଭୂତି ନେଇ ସୂଚନା ପ୍ରଦାନ କରିବାକୁ ପ୍ରଧାନମନ୍ତ୍ରୀ ଆହ୍ୱାନ ଦେଇଛନ୍ତି ।

**- V/O -**

ଆସନ୍ତା ୨୮ ତାରିଖରେ ଜାତୀୟ ବିଜ୍ଞାନ ଦିବସ ପାଳନ ଅବସରରେ ଅନନ୍ୟ ଉପାୟରେ ପାଳନ କରିବାକୁ ପ୍ରଧାନମନ୍ତ୍ରୀ ଆହ୍ୱାନ ଦେଇଛନ୍ତି । ଗୋଟିଏ ଦିନ ପାଇଁ ଗବେଷଣାଗାର ତଥା ବିଜ୍ଞାନ ସହ ଜଡ଼ିତ ବିଭିନ୍ନ ସଂସ୍ଥାକୁ ପରିଦର୍ଶନ କରିବା ପାଇଁ ପ୍ରଧାନମନ୍ତ୍ରୀ ଦେଶବାସୀଙ୍କୁ ପରାମର୍ଶ ଦେଇଛନ୍ତି ।

ନିକଟରେ ଉତ୍ତରାଖଣ୍ଡରେ ଅନୁଷ୍ଠିତ ଜାତୀୟ କ୍ରୀଡ଼ା ପ୍ରତିଯୋଗିତା ସମ୍ପର୍କରେ ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ ପ୍ରତିଭାସମ୍ପନ୍ନ କ୍ରୀଡ଼ାବିତ୍ ଖୋଜିବାରେ ଖେଲୋ ଇଣ୍ଡିଆ ଅଭିଯାନର ପ୍ରୟାସ ଗୁରୁତ୍ୱପୂର୍ଣ୍ଣ ବୋଲି

କହିଛନ୍ତି । ପ୍ରଧାନମନ୍ତ୍ରୀ ବିଭିନ୍ନ କ୍ରୀଡ଼ାରେ ଶ୍ରେଷ୍ଠତ୍ୱ ପ୍ରଦର୍ଶନ କରିଥିବା ଖେଳାଳିମାନଙ୍କୁ ଉଚ୍ଚ ପ୍ରଶଂସା କରିଛନ୍ତି ।

ବନ୍ୟାପ୍ରାଣୀ ସଂରକ୍ଷଣ ଏବଂ ସୁରକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ବ୍ୟକ୍ତିବିଶେଷଙ୍କର ଅବଦାନ ଉପରେ ପ୍ରଧାନମନ୍ତ୍ରୀ ଆଲୋକପାତ କରିଛନ୍ତି। ଆସନ୍ତାମାସ ପ୍ରାରମ୍ଭରେ ବିଶ୍ୱ ବନ୍ୟପ୍ରାଣୀ ଦିବସ ପାଳନ କରାଯିବ । ବନ୍ୟଜନ୍ତୁ ସୁରକ୍ଷା ସହିତ ସମସ୍ତେ ଜଡିତ ହେବାକୁ ପ୍ରଧାନମନ୍ତ୍ରୀ ଆହ୍ୱାନ ଦେଇଛନ୍ତି ।

ଚଳିତବର୍ଷ 'ପରୀକ୍ଷା ପେ ଚର୍ଚ୍ଚା' ଆଲୋଚନା ଏକ ନୂତନ ଢଙ୍ଗରେ ଅନୁଷ୍ଠିତ ହୋଇଥିଲା ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । କୌଣସି ଚାପରେ ନରହି ସକରାତ୍ମକ ଭାବନା ସହିତ ପରୀକ୍ଷା ଦେବାକୁ ପ୍ରଧାନମନ୍ତ୍ରୀ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଛନ୍ତି ।

***Puri/BHK***

## ଜିଲ୍ଲା–ମନ୍ କି ବାତ୍

'ମନ କି ବାତ' କାର୍ଯ୍ୟକ୍ରମରେ ଆଜି ପ୍ରଧାନମନ୍ତ୍ରୀ  ମେଦବହୁଳତା ରୋଗକୁ ନେଇ ଗୁରୁତ୍ୱପୂର୍ଣ୍ଣ ଟିପ୍ପଣୀ ଦେଇଛନ୍ତି। ସଶକ୍ତ ଓ ସୁଦୃଢ ଭାରତ ଗଠନ ଦିଗରେ ସମସ୍ତେ ସୁସ୍ଥ ଓ ନିରୋଗ ରହିବା ଦରକାର। ଏ ନେଇ ବ୍ୟାୟାମ ସହ କମ ତେଲ ଯୁକ୍ତ ଖାଦ୍ୟ ଓ ସନ୍ତୁଳିତ ଆହାର ଖାଇବା ଉପରେ ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି। ପ୍ରଧାନମନ୍ତ୍ରୀଙ୍କର ଏହି

ସ୍ୱାସ୍ଥ୍ୟସଚେତନତା ମୂଳକ ଅଭିଭାଷଣକୁ ଅନ୍ତର୍ଜାତିକ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ଉପଯୋଗୀ ବୋଲି କହିଛନ୍ତି ।

**- V/O -**

ଭଦ୍ରକ ଜିଲ୍ଲା ବିଜେପି କାର୍ଯ୍ୟାଳୟରେ ପ୍ରଧାନମନ୍ତ୍ରୀଙ୍କ 'ମନ୍ କି ବାତ୍' କାର୍ଯ୍ୟକ୍ରମର ସିଧା ପ୍ରସାରଣ କରାଯାଇଛି । ଏଥିରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ବିଧାୟକ ସୀତାଂଶୁ ଶେଖର ମହାପାତ୍ର, ସାଂସଦ ଅଭିମନ୍ୟୁ ସେଠୀଙ୍କ ସହ ଦଳର ପ୍ରମୁଖ କର୍ମକର୍ତ୍ତାମାନେ କାର୍ଯ୍ୟକ୍ରମକୁ ଶୁଣିବା ସହ ପ୍ରଧାନମନ୍ତ୍ରୀଙ୍କ ପ୍ରୟାସକୁ ପ୍ରଶଂସା କରିଛନ୍ତି ।

***Desk***

## ମୁଖ୍ୟମନ୍ତ୍ରୀଙ୍କ ଉତ୍ତରପ୍ରଦେଶ ଗସ୍ତ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜିଠାରୁ ତିନିଦିନିଆ ଉତ୍ତରପ୍ରଦେଶ ଗସ୍ତରେ ଯାଇଛନ୍ତି । ଗସ୍ତ ସମୟରେ ଶ୍ରୀ ମାଝୀ ପ୍ରୟାଗରାଜର ତ୍ରିବେଣୀ ସଙ୍ଗମରେ ମହାକୁମ୍ଭ ବୁଡ଼ ପକାଇବେ ବୋଲି ସୂଚନା ମିଳିଛି । ଏହାପରେ ସେ ଅଯୋଧ୍ୟା ଯାଇ ରାମଲାଲାଙ୍କ ଦର୍ଶନ ସହ ପୂଜାର୍ଚ୍ଚନା କରିବେ ।

*Desk*

# ଧର୍ମେନ୍ଦ୍ର ପ୍ରଧାନ- ଅନୁଗୁଳ ଗସ୍ତ

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ଅନୁଗୁଳ ଜିଲ୍ଲା ଗସ୍ତରେ ଯାଇ ବଅଁରପାଳଠାରେ ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରିଛନ୍ତି। ଜିଲ୍ଲାରେ ଶିକ୍ଷା, ସ୍ୱାସ୍ଥ୍ୟ ଓ ରୋଜଗାର ଆଦି ବିଭିନ୍ନ କ୍ଷେତ୍ରର ବିକାଶ ପାଇଁ ୨ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ମୂଲ୍ୟ' ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି। ବଅଁରପାଳ ଅଞ୍ଚଳରେ ଶିକ୍ଷାର ବିକାଶ ପାଇଁ ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଛାତ୍ରଛାତ୍ରୀଙ୍କୁ ଜ୍ୟୋତି ଛାତ୍ରବୃତ୍ତି ପ୍ରଦାନ କରିଛନ୍ତି। ସେହିପରି ଶ୍ରୀ ପ୍ରଧାନ ପି.ଏସ୍.ଏସ୍.ଜେ. ଜୁନିୟର ମହାବିଦ୍ୟାଳୟଠାର ବାର୍ଷିକ ଉତ୍ସବ 'ଅରୁଣିମା'ରେ ଯୋଗଦେଇ କଲେଜର ବିଭିନ୍ନ ନିର୍ମାଣ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଅପରାହ୍ନରେ ମନ୍ତ୍ରୀ ଶ୍ରୀ ପ୍ରଧାନ ଜିଲ୍ଲାର ସଭାଘରଠାରେ ନିଖାମିତ୍ର କାର୍ଯ୍ୟକ୍ରମ ଏବଂ ଏମ୍.ସି.ଏଲ୍'ର ଆର୍.ପି.ଡି.ଏ.ସି. ବୈଠକରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

*Desk*

# ସ୍ୱୟଂ ସହାୟକ ଗୋଷ୍ଠୀ

ରାଜ୍ୟର ପ୍ରାୟ ୫ଲକ୍ଷ ୮୦ହଜାର ସ୍ୱୟଂସହାୟକ ଗୋଷ୍ଠୀକୁ ପ୍ରଦାନ କରାଯାଉଥିବା ପାଣ୍ଠି ପରିମାଣକୁ ରାଜ୍ୟ ସରକାର ଦ୍ୱିଗୁଣିତ କରିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ଭୁବନେଶ୍ୱର ଜନତା

ମଇଦାନଠାରେ ଗତକାଲି ଆୟୋଜିତ ସୁଭଦ୍ରା ଶକ୍ତିମେଳାକୁ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ସ୍ୱୟଂସହାୟକ ଗୋଷ୍ଠୀ ଗୁଡ଼ିକର ୧୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବ୍ୟାଙ୍କ ଋଣ ଉପରେ ରାଜ୍ୟ ସରକାର ସୁଧ ଫେରସ୍ତ ବ୍ୟବସ୍ଥା କରିଛନ୍ତି । ଚଳିତ ଆର୍ଥିକ ବର୍ଷରେ ୩ଲକ୍ଷରୁ ଅଧିକ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ୩୦୦ କୋଟି ଟଙ୍କାର ସୁଧ ଫେରସ୍ତ କରାଯିବ। କାର୍ଯ୍ୟକ୍ରମରେ ଯୋଗଦେଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା କହିଛନ୍ତି, ସୁଭଦ୍ରା ମେଳା ମହିଳାଙ୍କ ସୃଜନଶୀଳତା, ଦକ୍ଷତା ଏବଂ ଉଦ୍ୟମିତା ବିକାଶ ପାଇଁ ଏକ ବଡ଼ ମଞ୍ଚ ପ୍ରଦାନ କରିଛି । ୨୦୨୬ ମସିହା ସୁଦ୍ଧା ମହିଳାମାନେ ରାଜ୍ୟ ଅର୍ଥନୀତିର ମେରୁଦଣ୍ଡ ପାଲଟିବେ। ଏହା ସହ ୨୦୩୬ ମସିହାରେ ବିକଶିତ ଓଡ଼ିଶା ଗଠନରେ ସବୁଠାରୁ ବଡ଼ ଅବଦାନ ରହିବ ବୋଲି ଶ୍ରୀମତୀ ପରିଡ଼ା କହିଛନ୍ତି। ଆଗାମୀ ଦିନରେ କିଶୋରୀ ସୁଭଦ୍ରା, ସୁଭଦ୍ରା ସଞ୍ଚୟ, ସୁଭଦ୍ରା ଯାତ୍ରୀ, ସୁଯୋଗ୍ୟ ସୁଭଦ୍ରା ଭଳି ଅନେକ ନୂଆ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି।

***Desk***

# ଜନ ଅଭିଯୋଗ ଶୁଣାଣି ବନ୍ଦ

ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ଆସନ୍ତାକାଲି ବନ୍ଦ ରହିବ । ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଏ ସମ୍ପର୍କରେ

ସୂଚନା ପ୍ରଦାନ କରାଯାଇଛି। ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଗଣମାଧ୍ୟମ ଜରିଆରେ ଘୋଷଣା କରାଯିବା ନେଇ କୁହାଯାଇଛି ।

***Desk***

# ଯକ୍ଷ୍ମାରୋଗ ନିରାକରଣ

ଦେଶରେ ଯକ୍ଷ୍ମାରୋଗ ନିରାକରଣ ଲକ୍ଷ୍ୟ ନେଇ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ଅନୁଷ୍ଠିତ ଏକ ୧୦୦ଦିନିଆ ଅଭିଯାନ ମାଧ୍ୟମରେ ୫ଲକ୍ଷରୁ ଅଧିକ ଯକ୍ଷ୍ମା ରୋଗୀଙ୍କୁ ଚିହ୍ନଟ କରାଯାଇଛି । ଦେଶର ୪୫୫ଟି ଜିଲ୍ଲାକୁ ଏଥିରେ ସାମିଲ କରାଯାଇଥିଲା । ଏତଦ୍‌ବ୍ୟତୀତ ୧୦ କୋଟିରୁ ଊର୍ଦ୍ଧ୍ୱ ସନ୍ଦିଗ୍ଧ ଯକ୍ଷ୍ମା ରୋଗୀଙ୍କର ଏହି ଅଭିଯାନରେ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିବା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଏହି ଅଭିଯାନ ଜରିଆରେ ୧୦ ଲକ୍ଷ ନି-କ୍ଷୟ ଶିବିର ଜରିଆରେ ଯକ୍ଷ୍ମା ଚିହ୍ନଟ ଲାଗି ଆଧୁନିକ ଯନ୍ତ୍ରପାତିର ବ୍ୟବହାର ସମ୍ପର୍କରେ ମଧ୍ୟ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା ।

***Desk***

# ବିଜୁ ପଟ୍ଟନାୟକ ପାର୍କ ଖୋଲିଲା

କଟକ ସିଡିଏ ସେକ୍ଟର-୧୨ ସ୍ଥିତ ବିଜୁ ପଟ୍ଟନାୟକ ପାର୍କ ଆଜି ଅପରାହ୍ନରେ ସର୍ବସାଧାରଣଙ୍କ ପାଇଁ ଖୋଲାଯିବ। କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଏହି ନିଷ୍ପତ୍ତି ନିଆଯାଇଛି । ପାର୍କରେ ରହିଥିବା ବିଭିନ୍ନ

ସୁବିଧା ସୁଯୋଗର ଉପଯୋଗ ପାଇଁ ନିର୍ଦ୍ଧିଷ୍ଟ ଦେୟ ଧାର୍ଯ୍ୟ କରାଯାଇଥିବା ଜଣାପଡିଛି ।

***Ganjam***

## କଇଁଚ ଅଣ୍ଡାଦାନ

ଗଞ୍ଜାମ ଜିଲ୍ଲା ରୁଷିକୁଲ୍ୟା ନଦୀ ମୁହାଁଣରେ ଅଲିଭ୍ ରିଡଲେ କଇଁଛଙ୍କ ସମୂହ ଅଣ୍ଡାଦାନ ପ୍ରକ୍ରିୟା ଜାରି ରହିଛି। ଚଳିତ ବର୍ଷ ୬ ଲକ୍ଷ ୯୮ ହଜାର ୭୧୮ ବିରଳ ପ୍ରଜାତିର ଅଲିଭ୍ ରିଡ୍ଲେ କଇଁଛଙ୍କ ସମୂହ ଅଣ୍ଡାଦାନ ସର୍ବକାଳୀନ ରେକର୍ଡ ହୋଇଥିବା ଜଣାପଡ଼ିଛି। କଇଁଛମାନେ ପୋଡ଼ମପେଟାର ଡାଇନାମିକ ବିଚ୍‌ରେ ସମୂହ ଅଣ୍ଡାଦାନ ପ୍ରକ୍ରିୟା ଆରମ୍ଭ କରିଥିଲେ। ପ୍ରଥମ ଦିନରେ ପ୍ରାୟ ୧୧ ହଜାର ୩୯୦ କଇଁଚ ଅଣ୍ଡାଦାନ କରିଥିବା ବନବିଭାଗ ପକ୍ଷରୁ ସୂଚନା ମିଳିଛି। ଅଣ୍ଡାଦାନ ସ୍ଥଳରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଥିବା ବେଳେ ଉକ୍ତ ଅଞ୍ଚଳକୁ ନିଷିଦ୍ଧାଞ୍ଚଳ ଘୋଷଣା କରାଯାଇଛି। ଏହି ସମୟ ମଧ୍ୟରେ ସମୁଦ୍ର ଭିତରେ ମାଛଧରାକୁ ମଧ୍ୟ ନିଷେଧ କରାଯାଇଛି। ସୂଚନାଯୋଗ୍ୟ, ୨୦୨୨-୨୩ ମସିହାରେ ୬ ଲକ୍ଷ ୩୭ ହଜାର କଇଁଛ ସମୂହ ଅଣ୍ଡାଦାନ କରିଥିବାବେଳେ ୨୦୨୩-୨୪ ମସିହାରେ ୧୫ ଶହ ଅଲିଭ୍ ରିଡ୍ଲେ କଇଁଛ ବିକ୍ଷିପ୍ତ ଅଣ୍ଡାଦାନ କରିଥିଲେ।

# ପାଣିପାଗ

ପଶ୍ଚିମାଝଡ଼ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ଆସନ୍ତା ଦୁଇଦିନ ପର୍ଯ୍ୟନ୍ତ ବର୍ଷା ସାଙ୍ଗକୁ କୋହଲା ପାଗ ଅନୁଭୂତ ହେବ ବୋଲି ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ କେନ୍ଦ୍ର ସୂଚନା ଦେଇଛି। ଆସନ୍ତା ୨୪ ଘଣ୍ଟା ପାଇଁ ବଜ୍ରପାତ ନେଇ ୯ଟି ଜିଲ୍ଲାକୁ ସତର୍କସୂଚନା ଜାରି କରାଯାଇଛି। ଏହି ଜିଲ୍ଲାଗୁଡ଼ିକ ହେଉଛି ଭଦ୍ରକ, କେନ୍ଦ୍ରାପଡ଼ା, ଜଗତସିଂହପୁର, ଯାଜପୁର, ଢେଙ୍କାନାଳ, କଟକ, ଅନୁଗୁଳ, ଗଞ୍ଜାମ ଓ ଗଜପତି। ଆଗାମୀ ପାଞ୍ଚ ଦିନ ପର୍ଯ୍ୟନ୍ତ ରାଜ୍ୟର ସର୍ବନିମ୍ନ ତାପମାତ୍ରାରେ ବିଶେଷ ପରିବର୍ତ୍ତନର ସମ୍ଭାବନା ନାହିଁ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି।